# ଓଡ଼ିଶାର ସାମ୍ପ୍ରତିକ ଜନଜାତି ଗବେଷଣା ଓ ଗବେଷକ ଦେବାଶିଷ ପାତ୍ର

**ସବିତା ବାରିକ**

ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା

**E-Mail:** sabitabarik18@gmail.com

**Article No :** BB-I-IV-2025-01
**DOI No :** 10.64647/bb.vol.1.issue4.2025.1
**Review Status:** Double-Blind Peer Reviewed
**Language of the Article:** Odia
**Type of Article:** Research Article
**Submission Date :** 09-07-2025
**Publication Date :** 14-10-2025

**ସଂକ୍ଷିପ୍ତସାର:** Abstract

ପାହାଡ଼ ଡଙ୍ଗର ଘେରା ଉତ୍କଳ ରାଣୀର ପ୍ରଥମ ସନ୍ତାନ ସନ୍ତତି ହେଉଛନ୍ତି ଜନଜାତିମାନେ। ଜନଜାତି ଜୀବନ ଯାପନ ପ୍ରକ୍ରିୟା ଓ ସାଂସ୍କୃତିକ ପରମ୍ପରାକୁ ନେଇ ଗବେଷଣା ଖୁବ୍ ପ୍ରାଚୀନ ନୁହେଁ। ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ଏହି କାର୍ଯ୍ୟଟି ଆରମ୍ଭ ହୋଇଛି। ତେଣୁ ସାମ୍ପ୍ରତିକ ସମୟରେ ଅନେକ ଆଦିବାସୀ ତଥା ଅଣ ଆଦିବାସୀ ଗବେଷକ ଗବେଷିକାମାନେ ଏହି ଆଦିମ ଅଧିବାସୀଙ୍କ ଉପରେ ଗବେଷଣା କରିବାକୁ ମନ ବଳାଉଛନ୍ତି। ଜନଜାତି ଗବେଷଣା କ୍ଷେତ୍ରରେ ବିଭିନ୍ନ ପଦ୍ଧତିକୁ ଗୁରୁତ୍ୱ ଦିଆଗଲେ ମଧ୍ୟ କ୍ଷେତ୍ରପର୍ଯ୍ୟବେକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଜଣେ ଗବେଷକ ଅତି କମରେ ସେହି ଆଦିବାସୀ ବା ଜନଜାତିମାନଙ୍କ ସହ ଏକ ବର୍ଷ ସମୟ ଅତିବାହିତ କରିବା ଜରୁରୀ ଯାହା ଉପରେ ସେ ଗବେଷଣା କରୁଛି। ଫଳରେ ଗବେଷକଟି ଉପରେ ନିରୀହ ଜନଜାତିମାନେ ବିଶ୍ୱାସ କରି ନିଜର ସଂସ୍କୃତି, ପରମ୍ପରା ବିଷୟରେ ତଥ୍ୟ ପ୍ରଦାନ କରିବେ। ଏହି ପଦ୍ଧତିକୁ ଆପଣେଇ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ ସମୟ କେବଳ ନିରୀହ ଜନଜାତିଙ୍କ ମେଳରେ ଅତିବାହିତ କରିଛନ୍ତି ଗବେଷକ ଦେବାଶିଷ ପାତ୍ର। ତାଙ୍କର ସ୍ନେହ, ପ୍ରେମ, ଭଲପାଇବାକୁ ଅଜାଡ଼ି ଦେଇଛନ୍ତି ଡଙ୍ଗର ଆଦିବାସୀଙ୍କ ଉପରେ। ଫଳରେ ସେମାନେ ମଧ୍ୟ ନିଜ ପରମ୍ପରାକୁ, ସଂସ୍କୃତିକୁ ଗବେଷକଙ୍କ ଆଗରେ ମୁକ୍ତ କରି ଥୋଇ ଦେଇଛନ୍ତି। ଯାହାଦ୍ୱାରା ଗବେଷକ ପାତ୍ର ଓଡ଼ିଆ ଜନଜାତି ଗବେଷଣା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି।

**ମୂଳଶବ୍ଦ:** ଜନଜାତି, ଆଦିବାସୀ, ଡଙ୍ଗର, ଗବେଷଣା, ଗବେଷକ, ପର୍ବପର୍ବାଣୀ, ଖାଦ୍ୟପେୟ, ପଦ୍ଧତି, ବଣ୍ଡା, ରେମୋ, କନ୍ଧ, ଡିଡାଇ, ସଭ୍ୟତା, ବାରଜାଙ୍ଗର, ଅଞ୍ଚଳ, ପ୍ରବନ୍ଧ, ନୃତତ୍ତ୍ୱ ।

କୌଣସି ଜାତି ବା ସମ୍ପ୍ରଦାୟର ପରିଚୟ ତା'ର ପ୍ରଥା-ପରମ୍ପରା, ଚାଲି-ଚଳଣି ଆଦିରୁ ହିଁ ମିଳିଥାଏ । ଜନଜାତି ଶବ୍ଦର ଅର୍ଥ ହେଲା ଆଦିମ କାଳରୁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସକରି ଆସୁଥିବା ଜାତି ବା ଜନସମୂହ। ଇଂରେଜ ଶାସନ କାଳରେ ପ୍ରଶାସନିକ ତଥା ସାଂସ୍କୃତିକ ସୁବିଧା ଦୃଷ୍ଟିରୁ ସେମାନଙ୍କୁ ଆଦିବାସୀ, ଗିରିଜନ, ଜନଜାତି, ବଣମୂଳକର ଲୋକ, ଡଙ୍ଗରିଆ ଲୋକ, ବନ୍ୟଜାତି, ଆଦିମଜାତି ନାମରେ ନାମିତ କରାଯାଇଥିଲା । ଆଜି ଭାରତୀୟ ସମାଜରେ ପ୍ରଶାସନିକ ତଥା ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ଆମେ ସେମାନଙ୍କୁ ଅନୁସୂଚିତ ଜନଜାତି ବା ଆଦିବାସୀ ନାମରେ ଜାଣୁଛୁ । ତେବେ ଆମେ ଜାଣିରଖିବା ଉଚିତ ଯେ ଜନଜାତି ଶବ୍ଦର ଇଂରାଜୀ ପ୍ରତିଶବ୍ଦ ହେଉଛି 'TRIBAL' । ଏହି 'TRIBAL' ଶବ୍ଦଟି ଲାଟିନର 'TRIBUS' ଶବ୍ଦରୁ ଆସିଛି, ଯାହାର ଅର୍ଥ "WE ARE THREE" ଅର୍ଥାତ ଆମେ ତିନି ।

ସାଧାରଣ ଭାଷାରେ ଆମେ କହିପାରିବା କୌଣସି ଅଞ୍ଚଳରେ ଯିଏ ସର୍ବପ୍ରଥମେ ବସତି ସ୍ଥାପନ କରେ, ସେ ହେଉଛି ସେହି ଅଞ୍ଚଳର ଆଦିବାସୀ ବା ଜନଜାତି। ଏହି ଦୃଷ୍ଟିରୁ ଓଡ଼ିଶାରେ ୬୨ପ୍ରକାର ଜନଜାତି ବସତି ସ୍ଥାପନ କରିଥିବାରୁ ଓଡ଼ିଶାକୁ ଆଦିବାସୀ ବହୁଳ ରାଜ୍ୟର ଆଖ୍ୟା ଦିଆଯାଇଛି। ତେଣୁ ପାହାଡ଼, ଝରଣା, ଜଙ୍ଗଲଦ୍ୱାରା ଆବୃତ ଏହି ଉତ୍କଳରାଣୀର ପ୍ରଥମ ସନ୍ତାନ ସନ୍ତତି ହେଉଛନ୍ତି ଏହି ଜନଜାତି। ପ୍ରକୃତିର ଗର୍ଭାଘର ଉତ୍କଳରାଣୀର ଉଦରରୁ ଏହିମାନେ ହିଁ ପ୍ରଥମେ ଜନ୍ମଗ୍ରହଣ କରି ମାନବ ସଭ୍ୟତାର ବିକାଶ କରାଇଛନ୍ତି। "ପ୍ରକୃତିର ସନ୍ତାନ ଏହି ଆଦିବାସୀ ମାନେ ନିଜକୁ ଓ ନିଜର ବଡ଼େଇକୁ ପ୍ରକାଶ କରିବାର ସାମାନ୍ୟତମ କଳାକୌଶଳ ଜାଣନ୍ତି ନାହିଁ। ଆପେ ରାଜା ଆପେ ପ୍ରଜା। ମନଗହନରେ ଭୟଭ୍ରାନ୍ତିର ସତ୍ତା ନଥାଏ। ସେ ସରଳ ବିଶ୍ୱାସୀ। ବିଶ୍ୱର ମାଲିକର କରଣୀକୁ ବିଶ୍ୱାସ କରନ୍ତି। ତାଙ୍କୁ ପୂଜା କରନ୍ତି ପ୍ରକୃତିର ମୁକ୍ତ ଅଙ୍ଗନରେ । ଏଇ ମାଟି ମାଆ, ଜଳ, ପବନ, ଅଗ୍ନି, ବନ, ପର୍ବତ, ନଦୀ, ଝରଣା, ସବୁଜ ସୁନ୍ଦର ପଲ୍ଲବଭରା ଜୀବନ୍ତ ବୃକ୍ଷଲତା ତା'ର ଉପକାରୀ ବନ୍ଧୁ ଓ ଜୀବନ୍ତ ଦେବତା। ସେ ମୂର୍ତ୍ତି ପୂଜା କରେ ନାହିଁ।" (ଆଦିବାସୀ ସମାଜ ଓ ସଂସ୍କୃତି, ପୃଷ୍ଠା-୧)

**ଜନଜାତି ଗବେଷଣାର ପ୍ରାରମ୍ଭିକ ପର୍ଯ୍ୟାୟ :**

ଜନଜାତିମାନଙ୍କର ଜୀବନ ଯାପନ ପ୍ରକ୍ରିୟା ଓ ସାଂସ୍କୃତିକ ପରମ୍ପରାକୁ ନେଇ ଗବେଷଣା ଖୁବ ପ୍ରାଚୀନ ନୁହେଁ । କିଛି ବର୍ଷ ପୂର୍ବରୁ ଏହି କାର୍ଯ୍ୟଟି ଆରମ୍ଭ ହୋଇଛି। ବହୁ ବିଦେଶୀ ଗବେଷକ ମଧ୍ୟ ଓଡ଼ିଶାର ଜନଜାତି ଯଥା – ଜୁଆଙ୍ଗ, ସାନ୍ତାଳ, ବଣ୍ଡା, କନ୍ଧ ଆଦିଙ୍କ ଉପରେ ଗବେଷଣା କରିଛନ୍ତି। ଏହି ବିଦେଶୀ ଗବେଷକମାନଙ୍କ ମଧ୍ୟରେ ବେରିୟାର ଏଲୱିନ, ଡ. ଡାଭିଡ ଷ୍ଟାମ୍ପ, ଡ. ଜାଇଡ ଆଦିଙ୍କ

ଭୂମିକା ଅଧିକ। ଏମାନେ ଜନଜାତିମାନଙ୍କ ଜୀବନକୁ ଅଧ୍ୟୟନ କରିବାକୁ ଯାଇ ତାଙ୍କ ସହ ବୈବାହିକ ସମ୍ପର୍କ ମଧ୍ୟ ସ୍ଥାପନ କରିଛନ୍ତି। ଏହି ବିଦେଶୀମାନେ ହିଁ ପ୍ରଥମେ ଓଡ଼ିଶାକୁ ଆସି ଡଙ୍ଗର ମଣିଷର ଜୀବନାନୁଭୂତିକୁ ପରୀକ୍ଷା ନିରୀକ୍ଷା କରି ଜନଜାତି ଗବେଷଣାର ପଥକୁ ସୁଗମ କରିଛନ୍ତି। ଶଗଡ଼ ଗୁଳା ପ୍ରସ୍ତୁତ କରିଛନ୍ତି ପରବର୍ତ୍ତୀ ପିଢି ପାଇଁ; ଯାହା ଫଳରେ ସାମ୍ପ୍ରତିକ ସମୟରେ ଅନେକ ଗବେଷକ ଆଗ୍ରହ ପ୍ରକାଶ କରୁଛନ୍ତି ଏହି ସଂସ୍କୃତି ସମ୍ପନ୍ନ ଜନଜାତିଙ୍କ ସମ୍ପର୍କରେ ଗବେଷଣା କରିବା ପାଇଁ। ସେମାନଙ୍କ ଜୀବନଧାରାରେ ପ୍ରତିଫଳିତ ମହାଭାରତୀୟ ପରମ୍ପରା ଓ ନୃତାତ୍ତ୍ୱିକ ବିଶେଷତ୍ୱର ଅଧ୍ୟୟନ ପୂର୍ବକ ବିବିଧ ତଥ୍ୟ ଆବିଷ୍କାର କରିବାର ପ୍ରଚେଷ୍ଟାରେ ଅନେକ ଗବେଷକ ନିଜକୁ ନିୟୋଜିତ କରିଛନ୍ତି।

ଭେରିୟାର ଏଲଭିନ ଅକ୍ସଫୋଡ଼ ବିଶ୍ୱବିଦ୍ୟାଳୟରେ ପାଠପଢି ଆସି ଓଡ଼ିଶାର ବଣ୍ଡାମାନଙ୍କ ଉପରେ ଗବେଷଣା କରି ଅସଂଖ୍ୟ ନୃତାତ୍ତ୍ୱିକ ପ୍ରବନ୍ଧ ରଚନା କରି ବିଶ୍ୱକୁ ଏକ ନୂତନ ଦୃଷ୍ଟିକୋଣ ଦେଇଥିଲେ । ତାଙ୍କର ଗବେଷଣାତ୍ମକ ପୁସ୍ତକ ଗୁଡ଼ିକ ହେଉଛି – 'ବଣ୍ଡୋ ହାଇଲେଣ୍ଡର୍ସ', 'ଦ ବାଇଗା' ଇତ୍ୟାଦି । ତାଙ୍କର ଆତ୍ମଜୀବନୀ 'ଦ ଟ୍ରାଇବାଲ ୱାଲଡ଼ ଅଫ୍ ଭେରିୟାର ଏଲଭିନ୍' ମଧ୍ୟ ଅନେକ ଜନଜାତି ଜୀବନ ସମ୍ବନ୍ଧୀୟ ତଥ୍ୟ ଲୋକଲୋଚନକୁ ନେଇଆସେ ।

ଓଡ଼ିଶାର ଜନଜାତି ଲିପି ଓ ଭାଷା ସମ୍ପର୍କରେ ଗବେଷଣା କରିବାରେ ଡ. ଖଗେଶ୍ୱର ମହାପାତ୍ର, ଡ. ଲିପି ହେମ୍ବ୍ରମ, ଡ. ବିଜୟ ପ୍ରସାଦ ମହାପାତ୍ର, ଡ. ପଞ୍ଚାନନ ମହାନ୍ତି ଆଦି ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରିଛନ୍ତି। ଡ. ସବିତା ପ୍ରଧାନ, ଡ. ପ୍ରକାଶ ପଟ୍ଟନାୟକ, ଡ. ପ୍ରତିଭା ରାୟ, ଡ. ସୀତାକାନ୍ତ ମହାପାତ୍ରଙ୍କ ପରି ମହାନାୟକମାନେ ଜନଜାତିମାନଙ୍କ ଜୀବନକୁ ବିଶ୍ଳେଷଣ କରି ଅନେକ ପୁସ୍ତକ ରଚନା କରିଛନ୍ତି। ଯଦିଓ ଏମାନେ କେହି ଜନଜାତି ସାହିତ୍ୟ ବିଶେଷଜ୍ଞ ନୁହନ୍ତି ତଥାପି ସାହିତ୍ୟର ଅନ୍ୟ ସ୍ରୋତରୁ ନିଜକୁ ଟିକିଏ ମୁକୁଳେଇ ନେଇ ସାମିଲ କରିପାରିଛନ୍ତି ଜନଜାତି ଗବେଷଣା କ୍ଷେତ୍ରରେ। ଫଳରେ ଜନଜାତି ଗବେଷଣା ଆହୁରି ଅଧିକ ସାଫଲ୍ୟମଣ୍ଡିତ ହୋଇଉଠିଛି ।

**ଓଡ଼ିଶାର ସାମ୍ପ୍ରତିକ ଜନଜାତି ଗବେଷଣା ଓ ପ୍ରମୁଖ ଗବେଷକ :**

ସାମ୍ପ୍ରତିକ ସମୟରେ ଓଡ଼ିଶାରେ ଜନଜାତି ଗବେଷଣା ପାଇଁ ଅନେକ ପଥ ଉନ୍ମୁକ୍ତ ରହିଛି। ଅନେକ ଆଦିବାସୀ ତଥା ଅଣଆଦିବାସୀ ଗବେଷକ ନିଜକୁ ଜନଜାତି ବା ଆଦିବାସୀ ଗବେଷଣାରେ ସାମିଲ କରାଇ ଜନଜାତି ଗବେଷଣାର ବହୁ ନୂତନ ତଥ୍ୟ ତଥା ଦିଗକୁ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇପାରିଛନ୍ତି। ଓଡ଼ିଶାରେ ସାମ୍ପ୍ରତିକ ସମୟରେ ଜନଜାତି ଗବେଷଣା ସକ୍ରିୟ ରହିଛି। ଜନଜାତି ଗବେଷଣାରେ କ୍ଷେତ୍ର ପର୍ଯ୍ୟବେକ୍ଷଣ ଅଧିକ ଜରୁରୀ। କ୍ଷେତ୍ର ପର୍ଯ୍ୟବେକ୍ଷଣ ବିନା ଜନଜାତି ବିଷୟକ ଗବେଷଣା ସମ୍ଭବ ନୁହେଁ। ସମ୍ପ୍ରତି ଗବେଷକମାନେ ଜନଜାତି ଗବେଷଣା ପାଇଁ ଅନେକ ପଦ୍ଧତିକୁ ଆପଣେଇଛନ୍ତି ସେହି ପଦ୍ଧତି ଗୁଡ଼ିକ ହେଲା – ବର୍ଣ୍ଣନାତ୍ମକ ପଦ୍ଧତି, ସମୀକ୍ଷାତ୍ମକ ପଦ୍ଧତି, ତୁଳନାତ୍ମକ ପଦ୍ଧତି, ସାଂସ୍କୃତିକ ପଦ୍ଧତି ଇତ୍ୟାଦି। ଏହି ଦୃଷ୍ଟିରୁ ଏବେର ଗବେଷକମାନେ ବର୍ଷବର୍ଷ ଧରି ନିଜର ଘରଦ୍ୱାର ଭୁଲି ପଡ଼ିରହନ୍ତି ସେହି ଦୁର୍ଗମ ଅଞ୍ଚଳରେ। ତାଙ୍କ ସହ ମିଶି ପୁଷ ପରବରେ ନାଚ ଗୀତ କରନ୍ତି, ମହୁଲି ପିଅନ୍ତି। ଦରକାର ପଡ଼ିଲେ ଅଧିକ ତଥ୍ୟ ପାଇଁ ଜନଜାତି ସମ୍ପ୍ରଦାୟର ଝିଅ ପୁଅଙ୍କୁ ବିବାହ ମଧ୍ୟ କରିଥାନ୍ତି। ଫଳରେ ଗବେଷକ ବା ଗବେଷିକାଟି ଅତି ସହଜରେ ବୁଝିନିଏ ସରଳ ନିରୀହ ଜନଜାତିର ଅକୁହା ଅଦେଖା ସଂସ୍କୃତିକୁ।

ଜନଜାତି ଗବେଷଣାର ଅନେକ ପ୍ରକାର ଭେଦ ରହିଛି । ଏବେର ଗବେଷକ ଗବେଷିକାମାନେ ଏହି ପ୍ରକାର ଭେଦକୁ ଆଖିଆଗରେ ରଖି ଗବେଷଣା କାର୍ଯ୍ୟ କରୁଅଛନ୍ତି। ଯଥା- ନୃତାତ୍ତ୍ୱିକ ଅଧ୍ୟୟନ, ସାମାଜିକ ଅଧ୍ୟୟନ, ସାଂସ୍କୃତିକ ଅଧ୍ୟୟନ, ଜନଜାତିର ଲୋକସାହିତ୍ୟ ଅଧ୍ୟୟନ, ଭାଷାତାତ୍ତ୍ୱିକ ଅଧ୍ୟୟନ, ତୁଳନାତ୍ମକ ଅଧ୍ୟୟନ ଇତ୍ୟାଦି। ମାନବିକ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ସବୁବେଳେ ଗବେଷକଟି ନିଜ ପୁସ୍ତକରେ ଗବେଷଣାରୁ ମିଳିଥିବା ତଥ୍ୟଗୁଡ଼ିକୁ ଦେଇଥାନ୍ତି । ଏହା ଦ୍ୱାରା ଗୋଟିଏ ଜାତିର ବିଶ୍ୱାସ ଅକ୍ଷୁର୍ଣ୍ଣ ରହିଥାଏ।

ସମ୍ପ୍ରତି ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ମହେନ୍ଦ୍ର କୁମାର ମିଶ୍ର, ରାଜେନ୍ଦ୍ର ପାଢୀ, ଦେବାଶିଷ ପାତ୍ର, ରଞ୍ଜନ ପ୍ରଧାନ, ସୁମନ୍ତ ନାଏକ, ପ୍ରହ୍ଲାଦ ଖିଲ ଆଦି ଉତ୍ତର ପିଢିର ଗବେଷକମାନେ ବଣମୁଲକର ଲୋକ ଜୀବନରୁ ସାଉଁଟି ଆଣୁଛନ୍ତି ସୁନ୍ଦର ଓ ଭାବ ଗର୍ଭକ ତଥ୍ୟ ସବୁକୁ। ଏହି ଗବେଷକମାନଙ୍କ ପାଇଁ ତ ଚିରକାଳ ଅବହେଳିତ ଡଙ୍ଗର ମଣିଷ ନିଜର ହକ ପାଇଁ ଲଢେଇ କରିବାକୁ ବଳ ପାଇଛି। ସର୍ବସାଧାରଣଙ୍କ ଠାରୁ ତା'ର ସଂସ୍କୃତି, ଭାଷା, ଲିପି ଇତ୍ୟାଦି ଯେ ମହାନ ଏ କଥାକୁ ସ୍ୱୀକାର କରିଛି। ଖାଲି ସେତିକି ନୁହେଁ ଏହି ଗବେଷକମାନେ ଗିରିଜନମାନଙ୍କୁ ସାରା ବିଶ୍ୱରେ ନିଜର ପରିଚିତି ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି। ନିମ୍ନରେ ଏହି ଗବେଷକମାନଙ୍କର ଗବେଷଣା ଦିଗଗୁଡ଼ିକ ଆଲୋଚନା କରାଗଲା।

ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ସାନ୍ତାଳୀ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା କ୍ଷେତ୍ରରେ ସାନ୍ତାଳୀ ଭାଷାର ଗବେଷିକା ତଥା କବି ଓ ଅନୁବାଦକ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। 'ମୟୂରଭଞ୍ଜର ସାନ୍ତାଳ : ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ' ଶୀର୍ଷକ ଗବେଷଣା ନିବନ୍ଧ ପାଇଁ ୨୦୦୫ରେ ସେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରୁ କଳାବିଭୂଷଣ ଉପାଧି ଲାଭ କରିଥିଲେ। 'ଆଦିବାସୀ ସମାଜ ଓ ସଂସ୍କୃତି' ନାମକ ଏକ ଗବେଷଣାତ୍ମକ ପୁସ୍ତକରେ ମଧ୍ୟ ସେ ସାନ୍ତାଳ ଜନଜାତିର ପରିଚୟ ଦେବା ସହ ସାନ୍ତାଳ ଜନଜାତିରେ ନାରୀର ସ୍ଥିତି ତଥା ପର୍ବପର୍ବାଣି ଆଦି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଶ୍ରୀମତୀ ବେଶ୍ରା ୧୯୯୪ରେ 'ଜିଢି ଝର୍ନା' ନାମକ କବିତା ସଂକଳନ ଲେଖି ସାନ୍ତାଳୀ ଭାଷାର ପ୍ରଥମ କବି ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ତାଙ୍କର 'ସାୟ ସାହେଦ' କବିତା ସଂକଳନ ପାଇଁ ସେ ୨୦୦୯ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ୨୦୧୧ ମସିହାରୁ ସାନ୍ତାଳ ଜନଜାତିର ଭାଷା ସାହିତ୍ୟର ଉନ୍ନତି ସକାଶେ ଶ୍ରୀମତୀ ବେଶ୍ରା 'କଦମ ଦାର' ନାମକ ସାନ୍ତାଳୀ ପତ୍ରିକା ଏଯାବତ ପ୍ରକାଶ କରି ଆସୁଛନ୍ତି । ବାସ୍ତବରେ ସାନ୍ତାଳ ଜନଜାତି ସାହିତ୍ୟ ଓ ସଂସ୍କୃତିର ବିକାଶ ଦିଗରେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କ ଅବଦାନ ଅକଳନୀୟ ।

ଗବେଷକ ମହେନ୍ଦ୍ର କୁମାର ମିଶ୍ର ଜଣେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରାବନ୍ଧିକ। ପଶ୍ଚିମ ଓଡ଼ିଶାର (ବିଶେଷ କରି କଳାହାଣ୍ଡି) ଲୋକସଂସ୍କୃତି ଓ ଜନଜାତି ଲୋକ ଗୀତ, ଲୋକକଥା

ଉପରେ ଗବେଷଣା କରି ଅନେକ ପୁସ୍ତକ ସିଏ ଭେଟିଦେଇଛନ୍ତି ଓଡ଼ିଆ ସାହିତ୍ୟକୁ ଓ ପାଠକମାନଙ୍କୁ। ତାଙ୍କର ଗବେଷଣାତ୍ମକ ପୁସ୍ତକ ଗୁଡ଼ିକ ହେଲା 'ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି', 'ଲୋକସଂସ୍କୃତି ପରିକ୍ରମା', 'କଳାହାଣ୍ଡିର ଲୋକଗୀତ', 'କଳାହାଣ୍ଡିର ଲୋକସଂସ୍କୃତି', 'କୁଡୁମି ଲୋକକଥା', 'ପଶ୍ଚିମ ଓଡ଼ିଶାର ଆଦିବାସୀ ଲୋକ ସଂସ୍କୃତି' ଇତ୍ୟାଦି। 'କଳାହାଣ୍ଡିର ଲୋକସଂସ୍କୃତି' ପୁସ୍ତକ ପାଇଁ ଶ୍ରୀଯୁକ୍ତ ମିଶ୍ରଙ୍କୁ ୧୯୯୯ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଦ୍ୟାବଧି ଶ୍ରୀଯୁକ୍ତ ମହେନ୍ଦ୍ର ମିଶ୍ର ପଶ୍ଚିମ ଓଡ଼ିଶାର ଜନଜାତିମାନଙ୍କ ବିକାଶ ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରିବା ସହ କେମିତି ସେମାନଙ୍କ ନିକଟକୁ ଶିକ୍ଷା ପହଞ୍ଚି ପାରିବ ସେ ଦିଗରେ ମଧ୍ୟ କାର୍ଯ୍ୟ କରୁଛନ୍ତି।

ଜନଜାତି ଗବେଷଣା ପାଇଁ ସମର୍ପିତ ପ୍ରଫେସର ଦେବାଶିଷ ପାତ୍ରଙ୍କୁ ସ୍ୱତନ୍ତ୍ର ଭାବରେ ଉକ୍ତ ପ୍ରବନ୍ଧରେ ଆଲୋଚନା କରାଯିବାର ଅଭିପ୍ରାୟ ଥିବାରୁ ତାଙ୍କ ବିଷୟରେ ଏଠାରେ କିଛି ଉଲ୍ଲେଖ କରାଗଲା ନାହିଁ।

ଦକ୍ଷିଣ ଓଡ଼ିଶାର ଜନଜାତିମାନଙ୍କୁ ନେଇ ଗବେଷଣା କରୁଥିବା ଡ. ରାଜେନ୍ଦ୍ର ପାଢ଼ୀ ସଦାସର୍ବଦା ଦକ୍ଷିଣାଞ୍ଚଳୀୟ ଆଦିବାସୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ସକାଶେ ତତ୍ପର ଥା'ନ୍ତି । ଦକ୍ଷିଣ ଓଡ଼ିଶାରେ ବସବାସ କରୁଥିବା ପାହାଡ଼ ଡଙ୍ଗର ଘେରା ଲୋକମାନଙ୍କର ଚାଲି, ଚଳଣି, ଭାଷା ତଥା ପର୍ବପର୍ବାଣି ଆଦି ସହ ବାଦ୍ୟ, ନୃତ୍ୟ, ଗୀତ ତଥା ଖାଦ୍ୟ ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି ନିଜର ଗବେଷଣାତ୍ମକ ନିବନ୍ଧ ଗୁଡିକରେ। ଶ୍ରୀଯୁକ୍ତ ପାଢ଼ୀଙ୍କର ଜନଜାତି ଜୀବନ ସମ୍ବନ୍ଧୀୟ ପୁସ୍ତକ ଗୁଡ଼ିକ ହେଲା 'କୋରାପୁଟର ଆଦିବାସୀ ଲୋକସଂସ୍କୃତି', 'ଧାରୁଆ ଲୋକସଂସ୍କୃତି', 'ଦେଶିଆ ଢଗ୍ ଆରିବାକନା', 'ଦେଶିଆ ଜ୍ଞାନକୋଷ' ଇତ୍ୟାଦି।

ଓଡ଼ିଶାର ଜଣେ ଯୁବ ଗାଳ୍ପିକ ତଥା ଜନଜାତି ଗବେଷଣା ଦିଗରେ ନିଜକୁ ନିୟୋଜିତ କରିଥିବା ଗବେଷକ ରଞ୍ଜନ ପ୍ରଧାନ ଖୁବ କମ ବୟସରୁ ହିଁ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ଜନଜାତି ଗବେଷଣା କ୍ଷେତ୍ରରେ। ଏଯାବତ ତାଙ୍କର ଜନଜାତି ଜୀବନକୁ ଆଧାର କରି ଅନେକ ଗବେଷଣାତ୍ମକ ନିବନ୍ଧ ତଥା ପୁସ୍ତକ ପ୍ରକାଶ ଲାଭ କରି ପାଠକଆଦୃତି ଲଭିଛି । ଶ୍ରୀମାନ ପ୍ରଧାନଙ୍କର ଗବେଷଣାଧର୍ମୀ ପୁସ୍ତକ ମଧ୍ୟରେ ରହିଛି 'ଜୁଆଙ୍ଗ ପର୍ବପର୍ବାଣୀ', 'କେନ୍ଦୁଝର', 'ଆଦିବାସୀ ନାଚ ଗୀତ', 'ପରଜା ଜୀବନ ଓ ସଂସ୍କୃତି', 'ମୟୂରଭଞ୍ଜ: ପର୍ଯ୍ୟଟନ ଓ ପ୍ରତ୍ନତତ୍ତ୍ୱ' ଇତ୍ୟାଦି। ଏହି ପ୍ରବନ୍ଧ ପୁସ୍ତକରେ ସ୍ଥାନିତ ଗୋଟିଏ ଗୋଟିଏ ପ୍ରବନ୍ଧ ନିଜନିଜ ଗୁଣରେ ଗୁଣୀୟାନ।

ଉପରୋକ୍ତ ଆଲୋଚନାକୁ ବିଶ୍ଳେଷଣ କଲେ ଜାଣିପାରିବା ଯେ ସମ୍ପ୍ରତି ଆଦିବାସୀ ବା ଜନଜାତି ସଂସ୍କୃତି, ଭାଷା, ସାହିତ୍ୟ, ଲିପି ସହ ଗବେଷକମାନେ ଜନଜାତି ମିଥର ମଧ୍ୟ ଆବିଷ୍କାର କଲେଣି। ଏ ଦିଗରେ ଗବେଷକ ଦେବାଶିଷ ପାତ୍ରଙ୍କର ଅଧିକ ଗବେଷଣା ରହିଛି ଯାହାକୁ ବିଶଦ ଭାବରେ ଆଲୋଚନା କରାଯିବ। ତେବେ ଆମେ କହିପାରିବା ଯେ ସାମ୍ପ୍ରତିକ ସମୟରେ ଜନଜାତି ଗବେଷଣା ଓଡ଼ିଶାର ଗବେଷକମାନେ ବିଶ୍ୱ ଦରବାରରେ ନିଜର ପରିଚୟ ସୃଷ୍ଟି କରିବା ସହ ଓଡ଼ିଶାର ୬୨ ପ୍ରକାର ଜନଜାତି ଗୋଷ୍ଠୀଙ୍କର ମଧ୍ୟ ପରିଚୟ ସୃଷ୍ଟି କରିଛନ୍ତି।

**ଜନଜାତୀୟ ଗବେଷଣାରେ ଲିପ୍ତ ଗବେଷକ ଦେବାଶିଷ ପାତ୍ର :**

ଓଡ଼ିଶାର ପ୍ରଥମ ଧାଡ଼ିର ଜନଜାତି ଗବେଷକମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ଦେବାଶିଷ ପାତ୍ର ଯେ ଜଣେ ଆଗଧାଡ଼ିର ଗବେଷକ ଏହା କହିଲେ ସତ୍ୟର ଅପଳାପ ହେବ ନାହିଁ। ଅନେକ ଜନଜାତି ଗବେଷକ କେବଳ ନିର୍ଦ୍ଦିଷ୍ଟ ଜନଜାତି ଯଥା- କନ୍ଧ, ପରଜା, ଜୁଆଙ୍ଗ, ସାନ୍ତାଳ, ବଣ୍ଡା ଆଦି ବିଷୟରେ ଗବେଷଣାକରି ଅନେକ ଜନଜାତିମାନଙ୍କୁ ଅଣଦେଖା କରନ୍ତି, ମାତ୍ର ଶ୍ରୀଯୁକ୍ତ ପାତ୍ର ଅଦ୍ୟାବଧି ବଣ୍ଡା, କୋୟା, ଡିଡ଼ାଇ, କୋହ୍ଲ, ହଲବୀ, ଭୂମିଜ, ସାନ୍ତାଳ, ବାଥୁଡ଼ି, କନ୍ଧ, ମାଙ୍କିଡ଼ିଆ, ଚକତିଆ ଭୁଞ୍ଜିଆ, ଲୋଧା, କୁଟିଆ କନ୍ଧ, ଲାଞ୍ଜିଆ ସୌରା ଆଦି ଭିନ୍ନ ଭିନ୍ନ ଜନଜାତିମାନଙ୍କ ଉପରେ ଗବେଷଣା କରି ନିଜର ଗବେଷଣା ପରିସରକୁ ସମୃଦ୍ଧ କରିଛନ୍ତି ଓ କରୁଛନ୍ତି ମଧ୍ୟ। ନିମ୍ନରେ ଗବେଷକଙ୍କର କେତେକ ଗବେଷଣାଧର୍ମୀ ପୁସ୍ତକର ସମୀକ୍ଷା କରାଗଲା।

**ଜନଜାତି ଗବେଷଣାଧର୍ମୀ ପୁସ୍ତକର ସମୀକ୍ଷା :**

**୧. ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଜନଜାତି ସଂସ୍କୃତି ଓ ସାହିତ୍ୟ :**

ଏହି ପୁସ୍ତକରେ ଲେଖକ ଦକ୍ଷିଣାଞ୍ଚଳୀୟ ତଥା କୋରାପୁଟ, ମାଲକାନଗିରି, ଗଜପତି, କନ୍ଧମାଳ ଆଦି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନଙ୍କ ଜୀବନଯାପନ ଶୈଳୀ ତଥା ସାଂସ୍କୃତିକ ପ୍ରେକ୍ଷାପଟ୍ଟକୁ ଆଲୋଚନା କରିବା ସହ ସେମାନଙ୍କର ଲୋକସାହିତ୍ୟକୁ ଆଲୋଚନା କରିବା ପାଇଁ ଭୁଲି ନାହାନ୍ତି। ଉକ୍ତ ପୁସ୍ତକଟି ଲେଖକଙ୍କର ଡ଼ିଲିଟ୍ ଥେସିସ୍ ଅଟେ। ଏହାକୁ ପାଠ କଲେ ପାଠକର ଦକ୍ଷିଣ ଓଡ଼ିଶାର ଜନଜାତିମାନଙ୍କ ଉପରେ ବିଶଦ ଧାରଣା ମିଳିପାରିବ। ଫଳରେ ଆଗାମୀ ପିଢି ସୁରୁଖୁରୁରେ ଗବେଷଣା କାର୍ଯ୍ୟ କରିପାରିବେ।

**୨. ମୁଦୁଲି ପଡ଼ାର ଲୋକେ:**

ମୁଦୁଲି ପଡ଼ାର ଲୋକେ ଶୀର୍ଷକ ପ୍ରବନ୍ଧ ପୁସ୍ତକଟି ଶ୍ରୀଯୁକ୍ତ ପାତ୍ରଙ୍କର ଏକ ମାଷ୍ଟର ପିସ୍। ଜନଜାତି ଜୀବନାୟନର ମୁଖଶାଳା ମୁଦୁଲିପଡ଼ାର ଲୋକେ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହି ପ୍ରବନ୍ଧ ସଂକଳନରେ ପ୍ରାବନ୍ଧିକ ଗଣ୍ଡା, କୋୟା,ପରଜା, ଡ଼ିଡାଇ ଭଳି ଜନଜାତିମାନଙ୍କର ଜୀବନ ଜୀଇଁବା ଶୈଳୀ ଓ ସେମାନଙ୍କର ପରମ୍ପରା, ସଂସ୍କୃତି, ପର୍ବପର୍ବାଣି, ଖାଦ୍ୟପେୟ, ପୋଷାକ ପରିଚ୍ଛଦକୁ ବର୍ଣ୍ଣନା କରିବା ସହିତ ବଣ୍ଡା ଜନଜାତିର ଉତ୍ପତ୍ତି ବିଷୟରେ ମଧ୍ୟ ସଂକ୍ଷେପରେ ସୂଚନା ଦେଇଛନ୍ତି। ଏହି ଜନଜାତିମାନଙ୍କର ଗାଁ ଗାଁ ବୁଲି ତାଙ୍କ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇ ପ୍ରତ୍ୟକ ପର୍ବପର୍ବାଣୀରେ ଉପସ୍ଥିତ ହୋଇ ସଠିକ ତଥ୍ୟମାନ ସଂଗ୍ରହ କରି ସ୍ଥାନ ଦେଇଛନ୍ତି। ଏହି ପ୍ରବନ୍ଧ ଗୁଡ଼ିକରେ ଯେଉଁ ଗଳ୍ପର ଶୈଳୀ ଆରୋପିତ ହୋଇଛି ତାହା ପାଠକକୁ ଅଧିକ ଆକୃଷ୍ଟ କରେ।

**୩. ରେମୋ (ବଣ୍ଡା ଜୀବନ ସଂସ୍କୃତି):**

ଗବେଷକ ଶ୍ରୀଯୁକ୍ତ ଦେବାଶିଷ ପାତ୍ର ଏହି ପୁସ୍ତକରେ କେବଳ ଓଡ଼ିଶାର ପୁରାତନ ଜନଜାତି ବଣ୍ଡାଙ୍କ ବିଷୟରେ ହିଁ ଆଲୋଚନା କରିଛନ୍ତି। "ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ଏହି ଜନଜାତି ତା' ନିଜ ଭାଷାରେ 'ରେମୋ' ଭାବରେ ପରିଚିତ। ଯାହାର ଅର୍ଥ 'ଆଦି ମାନବ'।" (ରେମୋ : ବଣ୍ଡା ଜୀବନ ଓ ସଂସ୍କୃତି, ପୃଷ୍ଠା -୧୩) ଏହି ଅଧ୍ୟାୟରେ ଆହୁରି ଆଲୋଚନା କରାଯାଇଛି ବଣ୍ଡାମାନଙ୍କର ଅବସ୍ଥିତି ବିଷୟରେ। ବଣ୍ଡାମାନେ ଯେ

ପୃଥିବୀର ସର୍ବୋଚ୍ଚ ସ୍ଥାନରେ ବାସ କରନ୍ତି ଏବଂ ଏହି କାରଣରୁ ସେମାନଙ୍କ ନିକଟକୁ ସରକାର କିମ୍ବା କୌଣସି ବେସରକାରୀ ସହାୟତା ପହଞ୍ଚିପାରେ ନାହିଁ। ଫଳରେ ସେମାନେ ଅନ୍ୟ ଜନଜାତି ତୁଳନାରେ ଅନୁନ୍ନତ। ପ୍ରାବନ୍ଧିକ ଏହି ଅଧ୍ୟାୟରେ ବଣ୍ଡା ଗ୍ରାମକୁ ଯିବାପାଇଁ ରାସ୍ତା ମଧ୍ୟ ବତେଇ ଦେଇଛନ୍ତି ପାଠକମାନଙ୍କ ସକାଶେ। ବଣ୍ଡାଙ୍କ ଶ୍ରେଣୀ ବିଭାଗ କରି ପ୍ରାବନ୍ଧିକ ଦର୍ଶାଇଛନ୍ତି ଯେ ବଣ୍ଡାମାନେ ଦୁଇପ୍ରକାରର 'ଉପର ବଣ୍ଡା' ଓ 'ତଳବଣ୍ଡା'। ଯେଉଁ ବଣ୍ଡାମାନେ ପାହାଡ଼ ଶୀର୍ଷରେ ବାସକରନ୍ତି ସେମାନେ ଉପରବଣ୍ଡା ଓ ଯେଉଁମାନେ ପାହାଡ଼ର ପାଦ ଦେଶରେ ବାସ କରନ୍ତି ସେମାନେ ହେଲେ ତଳବଣ୍ଡା । ବଣ୍ଡାମାନେ ଯେଉଁ ଭାଷାରେ କଥା ବାର୍ତ୍ତା କରନ୍ତି ତାହାକୁ ରେମଶାମ୍ କୁହାଯାଏ । ବାରଜାଙ୍ଗର ହେଉଛି ବାରଟି ବଣ୍ଡା ଗାଁର ଅଞ୍ଚଳ । ଏହି ବାରଜାଙ୍ଗରରେ ସମୁହ ବଣ୍ଡା ଗାଁ ରହିଛି । ଆହୁରି ମଧ୍ୟ ଉକ୍ତ ପ୍ରବନ୍ଧରେ ପ୍ରାବନ୍ଧିକ ବଣ୍ଡା ଜନଜାତି ସୃଷ୍ଟିର କିମ୍ବଦନ୍ତୀ, ପ୍ରସ୍ତର ଯୁଗୀୟ ସଭ୍ୟତା ଓ ବଣ୍ଡା ଅଧିବାସୀ, ଇତିହାସ ପୃଷ୍ଠାରେ ବଣ୍ଡାଅଧିବାସୀ ଏବଂ କୁରଶପାଲି ଶିଳାଲେଖ ଇତ୍ୟାଦି ବିଷୟରେ ବିଶଦ ଭାବରେ ଆଲୋଚନା କରିଛନ୍ତି ।

**୪. ଡଙ୍ଗର ଯେଉଁଠି କଥା କହେ :**

'ଡଙ୍ଗର ଯେଉଁଠି କଥା କହେ' ପ୍ରବନ୍ଧ ସଂକଳନରେ ପ୍ରାବନ୍ଧିକ ପାଠକମାନଙ୍କ ଉଦ୍ଦେଶ୍ୟରେ ପରସି ଦେଇଛନ୍ତି ଭିନ୍ନ ଭିନ୍ନ ସ୍ୱାଦର ପ୍ରବନ୍ଧ। ଯାହାକୁ ପାଠ କଲେ ପାଠକ ଭେଟେ ଭିନ୍ନ ଭିନ୍ନ ଜନଜାତି ବର୍ଗଙ୍କୁ ଏବଂ ତାଙ୍କର ଲିପି ଓ ଭାଷାକୁ। ପୁଣି ଭେଟେ ଜନଜାତି ଗବେଷଣା କ୍ଷେତ୍ରରେ ତଥା ସାହିତ୍ୟରେ ନୃତତ୍ତ୍ୱ ବିଷୟରେ ଗବେଷଣା କରିଥିବା ଏଲଭିନଙ୍କୁ ଓ ତାଙ୍କର ବନ୍ଧୁ ଶାମରାଓ ହିଭେଲଙ୍କୁ। ପୁଣି ଭେଟେ ଜନଜାତି ଜୀବନକୁ ଆଧାର କରି ଲେଖା ଯାଇଥିବା କବିତା ଉପନ୍ୟାସକୁ। ତାହାସହିତ ବିଭିନ୍ନ ଜନଜାତିର ପର୍ବ- ପର୍ବାଣୀ, ଜାନିଯାତ୍ରା, ବିବାହ, ଚିତାକୁଟା ଆଦି ପରମ୍ପରାକୁ। ଏହି ପରମ୍ପରାକୁ ଆଧାର କରି ଜନଜାତୀୟ ଲୋକମିଥ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି ପ୍ରାବନ୍ଧିକ।

ଓଡ଼ିଶାରେ ମୋଟ ୬୨ ପ୍ରକାର ଜନଜାତି ବାସ କରନ୍ତି। ସେମାନଙ୍କ ଭିତରେ ୧୩ଟି ଆଦିମ ଜନଜାତିକୁ PVTG (Particular Vulnerable Tribal Group) ବା ବିଶେଷ ଜନଜାତି ଗୋଷ୍ଠୀ ଭାବରେ ବିବେଚନା କରାଯାଏ। ଏହି ୧୩ଟି ଆଦିମ ଜନଜାତି ବିଷୟରେ ପ୍ରାବନ୍ଧିକ 'ଶାଶ୍ୱତ ସବୁଜିମା, ନୀଳନୀଳ ସଞ୍ଜ ଓ ଡଙ୍ଗରର ନାନ୍ଦୀଗାନ' ଶୀର୍ଷକରେ ଆଲୋଚନା କରିଛନ୍ତି। "ଯେଉଁ ଜନଜାତି ଗୋଷ୍ଠୀର ଜନସଂଖ୍ୟା ବୃଦ୍ଧିର ହାର ଅଳ୍ପ ଏବଂ ବଞ୍ଚି ରହିବା ପାଇଁ ଅହରହ ସଂଗ୍ରାମରତ ତଥା ପ୍ରାକୃତିକ ସମ୍ବଳ ବ୍ୟତୀତ ବିକଳ୍ପ ବ୍ୟବସ୍ଥା ନାହିଁ, ସେମାନେ ହିଁ ଆଦିମ ଜନଜାତି ଗୋଷ୍ଠୀ।" ( ପୃଷ୍ଠା-୧୨) ୧୩ ଆଦିମ ଜନଜାତି ଭିତରେ ଯାଉଛନ୍ତି ବିରହୋର, ବଣ୍ଡା, ଚକତିଆ ଭୁଞ୍ଜିଆ, ଡିଡାଇ, ଡଙ୍ଗରିଆକନ୍ଧ, ଜୁଆଙ୍ଗ, ଖଡ଼ିଆ, କୁଟିଆ କନ୍ଧ, ଲାଞ୍ଜିଆ ସଉରା, ଲୋଧା, ମାଙ୍କିଡ଼ିଆ, ପାଉଡ଼ି ଭୂଇଁୟା ଏବଂ ସଉରା ଜନଜାତି ଗୋଷ୍ଠୀ। ପ୍ରାବନ୍ଧିକଙ୍କ ଭାଷାରେ "୧୩ ଆଦିମ ଜନଜାତିର ମୂଳ ଭୂମି କୋରାପୁଟ ନୁହେଁ ତଥାପି କୋରାପୁଟ ଅଞ୍ଚଳରେ ସମସ୍ତ ଜନଜାତି ଗୋଷ୍ଠୀଙ୍କ ଆଶ୍ରୟ ସ୍ଥଳ।" (ପୃଷ୍ଠା- ୧୨) ପ୍ରାବନ୍ଧିକ ନିଜର ବୃତ୍ତିଗତ ଜୀବନର ବହୁ ବର୍ଷ ଦକ୍ଷିଣ ଓଡ଼ିଶାରେ କାଟିଥିବାରୁ ଏହି ଜନଜାତି ଗୋଷ୍ଠୀଙ୍କୁ ଅତିପାଖରୁ ଦେଖିବାର ସୁଯୋଗ ପାଇଛନ୍ତି। ତେଣୁ ପ୍ରାବନ୍ଧିକ ଜୀବନ୍ତ ଭାବରେ ନିଜର କାବ୍ୟ ଶୈଳୀର ପ୍ରୟୋଗ କରି ସେମାନଙ୍କର ଜୀବନ ଶୈଳୀକୁ ଉପସ୍ଥାପିତ କରିଛନ୍ତି ଉକ୍ତ ପ୍ରବନ୍ଧରେ।

**ଗବେଷକଙ୍କ ଭାଷା ଓ ଶୈଳୀ :**

ଯେପରି ପ୍ରବନ୍ଧର ନିଜସ୍ୱ ଭଷା ଓ ଶୈଳୀ ରହିଛି ଠିକ ସେହିପରି ପ୍ରାବନ୍ଧିକଙ୍କର ମଧ୍ୟ ନିଜସ୍ୱ ଭାଷା ଓ ଶୈଳୀ ରହିଛି। ଯାହା ସବୁ ପ୍ରାବନ୍ଧିକଙ୍କ ଠାରୁ ତାଙ୍କୁ ସ୍ୱତନ୍ତ୍ର କରି ଗଢି ତୋଳେ। ଏହି ପରିପ୍ରେକ୍ଷାରେ ଗବେଷକ ଦେବାଶିଷ ପାତ୍ରଙ୍କ ଶୈଳୀ ଓ ଭାଷାକୁ ସମୀକ୍ଷା କଲେ ଆମେ ଜାଣିପାରିବା ଯେ ତାଙ୍କର ଶୈଳୀ ହେଉଛି ଗଳ୍ପ ପରି ଓ ଭାଷା ହେଉଛି କାବ୍ୟିକ। ଜନଜାତିପରି ରୁକ୍ଷ ଦୁର୍ବୋଧ୍ୟ ସାହିତ୍ୟକୁ ରସରେ ପୂର୍ଣ୍ଣ କରି ପାଠକ ଆଗରେ ପରସି ଦେବାର କ୍ଷମତା କେବଳ ଗବେଷକ ଦେବାଶିଷ ପାତ୍ରଙ୍କ ନିକଟରେ ହିଁ ଅଛି ବୋଲି କହିଲେ ସତ୍ୟର ଅପଲାପ ହେବ ନାହିଁ। କାରଣ ସେ ଜନଜାତି ଜୀବନ ସମ୍ବନ୍ଧୀୟ ପ୍ରବନ୍ଧ ଗୁଡିକୁ ଗଳ୍ପ ଶୈଳୀରେ ତଥା ଆତ୍ମ କଥନ ଶୈଳୀରେ କାବ୍ୟ ଭାଷାର ପ୍ରଲେପ ଦେଇ ପରସି ଦିଅନ୍ତି। ତେଣୁ ସେ ହେଇପାରିଛନ୍ତି ଜନଜାତି ସାହିତ୍ୟ ପ୍ରେମୀମାନଙ୍କର ପ୍ରେମର ଆଧାର। ସାଧାରଣ ଆଦିବାସୀ ଭାଷା କୋଷରୁ ଶବ୍ଦକୁ ସାଉଁଟି ନିଜସ୍ୱ ଶୈଳୀରେ ଓଡ଼ିଆ ପାଠକମାନଙ୍କ ପାଇଁ ସୃଷ୍ଟି କରିଛନ୍ତି ରାଶି ରାଶି ପ୍ରବନ୍ଧ। ବାସ୍ତବରେ ଶ୍ରୀଯୁକ୍ତ ଦେବାଶିଷ ପାତ୍ରଙ୍କର କାବ୍ୟିକ ବାକଚାତୁରୀ ଜନଜାତିର ଅବୋଧ୍ୟ ଭାଷା ସାହିତ୍ୟକୁ ସୁନ୍ଦର ସାବଲୀଳ ଏବଂ ବୋଧଗମ୍ୟ କରାଇଦିଏ।

ପ୍ରବନ୍ଧକୁ ଗଳ୍ପର ଶୈଳୀରେ କାବ୍ୟ ଭାଷା ଦେଇ ଲେଖିବାର ସ୍ୱତନ୍ତ୍ର ପ୍ରୟାସ ପ୍ରଥମେ ଶ୍ରୀଯୁକ୍ତ ପାତ୍ର ହିଁ ଆରମ୍ଭ କରିଛନ୍ତି ଏବଂ ସଫଳତା ହାସଲ କରିଛନ୍ତି, ଯାହାକୁ ଆମେ 'କାବ୍ୟପ୍ରବନ୍ଧ' ବୋଲି ମଧ୍ୟ କହିପାରିବା । ଏହି ପ୍ରୟାସ ହିଁ ତାଙ୍କୁ ଜନଜାତି ସାହିତ୍ୟ ଜଗତରେ ଏକ ଉଜ୍ଜ୍ୱଳ ତରକା ହେବାର ଖୋରାକ ଯୋଗାଇଛି । ତେଣୁ କହିବା ବାହୁଲ୍ୟ ଯେ ଭାଷା ଶୈଳୀ ଦୃଷ୍ଟିରୁ ଗବେଷକ ସମକାଳୀନ ଜନଜାତି ଗବେଷଣା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ନିମ୍ନରେ ଏକ ଉଦାହରଣରୁ ଏହାର ସତ୍ୟାସତ୍ୟ ବାରି ହେଇଯିବ।

**ଉଦାହରଣ ସ୍ୱରୂପ –** "ଅଲଙ୍ଘନିୟ କୃଷ୍ଣକାୟ ମୌନ ପର୍ବତମାଳା, ସୁହାସିନୀ ସବୁଜ ଡଙ୍ଗର କ୍ଷେତ, ବାର୍ତ୍ତାବହ ଅଗଷ୍ଟର ଭାସମାନ ମେଘକୁ ପଛରେ ରଖି ଯେତେଥର ଡଙ୍ଗର ଗାଁକୁ ଯାଇଛି, ସେତେଥର ଧାଡ଼ିଧାଡ଼ି ଦେଶଜ ଦୁଃଖ ଭିତରୁ ମୋତେ ଦୃଶ୍ୟମାନ ହୋଇଛି ଚଇତିର ନୀଳ ନୀଳ ସଞ୍ଜ। ଶୁଭିଯାଇଛି କ୍ଷେତରେ ଏକୁଟିଆ ଠିଆ ହେଇଥିବା ପାଳଭୂତର ପ୍ରୀତିପ୍ରଣବ। ମହକିତ ହୋଇଛି ଝରଣା କୂଳରେ ଛିଡା ହୋଇଥିବା ପୁଷ୍ପବତୀ ମହୁଲଗଛ। ଡୁଙ୍ଗୁଡୁଙ୍ଗାର ଶବ୍ଦରେ ଆକାଶରୁ ଓହ୍ଲେଇ ଆସିଛି ସାରହୁଲର ଜହ୍ନ। ସ୍ମୃତିର ସମ୍ବେଦନା ଭିତରୁ ଧାଡ଼ି ବାନ୍ଧିଛି ଡଙ୍ଗର ମଣିଷର ଯୁଗଳ ମୁଦ୍ରା।" (ଡଙ୍ଗର ଯେଉଁଠି କଥା କହେ, ପୃଷ୍ଠା- ୧୧)

**ନିଷ୍କର୍ଷ :**

ଜନଜାତି ଗବେଷଣାରେ ନିଜକୁ ସଦାସର୍ବଦା ଲିପ୍ତ ରଖୁଥିବା ପ୍ରଫେସର ଶ୍ରୀଯୁକ୍ତ ଦେବାଶିଷ ପାତ୍ର କେବଳ ଜନଜାତିଙ୍କ ବିଷୟରେ ଗବେଷଣା କରି ତଥ୍ୟ ସଂଗ୍ରହ ଓ ପ୍ରଦାନ କରି ନାହାନ୍ତି, ସେ ଜନଜାତି ଜୀବନକୁ ନେଇ ମଧ୍ୟ ଅନେକ କବିତା, ଗଳ୍ପ ଆଦି ରଚନା କରିଛନ୍ତି। ତାଙ୍କର ଏହି ଗଳ୍ପ ଓ କବିତା ଗୁଡ଼ିକରେ ଜନଜାତି ମାନଙ୍କର ଜୀବନ

ପ୍ରକ୍ରିୟା, ସାଂସ୍କୃତିକ ପରମ୍ପରା ଫୁଟି ଉଠିଛି।

ଯନ୍ତ୍ରଚାଳିତ ଏହି ମାନବ ସଭ୍ୟତାକୁ ଗବେଷକ ପାତ୍ର ଆହ୍ୱାନ କରିଛନ୍ତି ଥରେ ଯାଇ ସେହି ଡଙ୍ଗର ପାହାଡ଼ ଘେରା ସବୁଜବନାନୀ କୋଳରେ ବସବାସ କରୁଥିବା ଆଦିବାସୀମାନଙ୍କର ଜୀବନ ପ୍ରଣାଳୀକୁ ନିରୀକ୍ଷଣ କରିବା ପାଇଁ। ସେହି ନିରୀହ ଜନଜାତିମାନେ ନିଜ ନିଜ କର୍ମରେ ଲିପ୍ତ ଥାଇ ଧରଣୀରାଣୀକୁ କିପରି ଶସ୍ୟଶ୍ୟାମଳା କରି ପୂଜା କରିଥାନ୍ତି ଏବଂ ହିଂସା, ଦ୍ୱେଷ, ଅହଂକାର ଠାରୁ ବହୁ ଦୂରରେ ରହି ସେମାନେ ଏହି ସଭ୍ୟ ଜଗତକୁ ପରିହାସ କରନ୍ତି। ତେଣୁ ଗବେଷକ ନିଜ ରଚନା ମାଧ୍ୟମରେ କହିବାକୁ ଚାହିଁଛନ୍ତି ଯେ ସଭ୍ୟତା କଣ? ତାହା ଆମର ସଭ୍ୟ ସମାଜ ଏହି ଜନଜାତିମାନଙ୍କଠୁ ଶିଖିବା ଆବଶ୍ୟକ।

ଏଣୁ ଜନଜାତି ବିଷୟରେ ଅଦ୍ୟାବଧି ହୋଇଥିବା ଗବେଷଣାର ପର୍ଯ୍ୟାଲୋଚନା ଆଲୋଚନା ଇତ୍ୟାଦିକୁ ଦୃଷ୍ଟି ଦେଲେ ଜଣାଯିବ ଯେ ଶ୍ରୀଯୁକ୍ତ ଦେବାଶିଷ ପାତ୍ରଙ୍କ ଅବଦାନ ଜନଜାତି ଗବେଷଣା ପାଇଁ ଅତୁଳନୀୟ। ତାଙ୍କର ଅମ୍ଳାନ ପ୍ରତିଭାକୁ ଓଡ଼ିଶାର ସୁଧୀ ପାଠକ ଓ ଗବେଷକଙ୍କ ଦୃଷ୍ଟି ଆକର୍ଷଣ କରାଇବାର ଏହା ଏକ କ୍ଷୁଦ୍ର ପ୍ରୟାସ।

**ସଙ୍କେତ ସୂଚୀ:**


୧. ଖିଲ, ପ୍ରହଲ୍ଲାଦ, ଓଡ଼ିଶାର ଆଦିବାସୀ, ତୃପ୍ତି, ଭୁବନେଶ୍ୱର, ୨୦୧୬।

୨. ପାତ୍ର, ଦେବାଶିଷ, ଡଙ୍ଗର ଯେଉଁଠି କଥା କହେ, ପକ୍ଷୀ ଘର ପ୍ରକାଶନୀ, ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ୨୦୧୯।

୩. ପାତ୍ର, ଦେବାଶିଷ, ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଜନଜାତି ସଂସ୍କୃତି ଓ ସାହିତ୍ୟ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ୨୦୧୫।

୪. ପାତ୍ର, ଦେବାଶିଷ, ରେମୋ (ବଣ୍ଡା ଜୀବନ ସଂସ୍କୃତି), ଓଡ଼ିଶା ସାହିତ୍ୟ ଏକାଡେମୀ, ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ୨୦୧୭।

୫. ପାତ୍ର, ଦେବାଶିଷ, ମୁଦୁଲି ପଡ଼ାର ଲୋକେ, ଆଦିତ୍ୟ ଭାରତ, ପ୍ରଥମ ସଂସ୍କରଣ, କଟକ, ୨୦୨୩।

୬. ବେଶ୍ରା, ଦମୟନ୍ତୀ, ଆଦିବାସୀ ସମାଜ ଓ ସଂସ୍କୃତି, କିତାବ ଭବନ, ଦ୍ୱିତୀୟ ସଂସ୍କରଣ, ଭୁବନେଶ୍ୱର, ୨୦୨୪।

୭. ମିଶ୍ର, ନୃସିଂହପ୍ରସାଦ, ଓ ସାହୁ, ଶୁକଦେବ, ଆଦିବାସୀ ସମାଜ ଓ ସଂସ୍କୃତି, ମନୋରମା ପବ୍ଲିସର୍ଶ, ତୃତୀୟ ସଂସ୍କରଣ, କଟକ, ୨୦୨୨।

୮. ସାହୁ, ନାରାୟଣ, ସଂପାଦକ, ଓଡ଼ିଶାର ଆଦିବାସୀ ଭାଷା ସାହିତ୍ୟ ସଂସ୍କୃତି, ସତ୍ୟନାରାୟଣ ବୁକ ଷ୍ଟୋର, ପ୍ରଥମ ସଂସ୍କରଣ, କଟକ, ୨୦୨୨।

୯. ପ୍ରସାୟତ, ଚିତ୍ରସେନ, ସଂପାଦକ, ଆଦିବାସୀ ମୌଖିକ ସାହିତ୍ୟ ପରମ୍ପରା, ସାହିତ୍ୟ ଏକାଡେମୀ, ଦ୍ୱିତୀୟ ସଂସ୍କରଣ, ୨୦୧୬।


«««


| | |
|---|---|
| **Funding Statement:** | This research received no external funding |
| **Conflict of Interest:** | No |
| **Plagiarism Test:** | Yes<br>Similarity Index: 0 % |
| **Ethical Approval:** | Not applicable |



| | |
|---|---|
| **License:** | Odishara sampratika janjati gabeshana o gabeshaka Debashis Patra © 2025 by Sabita Barik is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/ |